## ଏସଓଏସ୍ ଚିଲ୍ଡ୍ରେନ୍ସ ଭିଲେଜ୍ ଅଫ୍ ଇଣ୍ଡିଆ ଭାରତରେ ୩୦୦ ରୁ ଅଧିକ ପିଲାମାନଙ୍କ ପାଇଁ "ସମ୍ପର୍କିୟଙ୍କ ଦ୍ୱାରା ଶିଶୁ ଯତ୍ନ" ସୁବିଧା ପ୍ରଦାନ କରୁଛି

**- ସମ୍ପର୍କିୟଙ୍କ ଦ୍ୱାରା ଶିଶୁ ଯତ୍ନ ପ୍ରୋଗ୍ରାମ ମାଧ୍ୟମରେ ଭୁବନେଶ୍ୱରରେ ୩୪ ଜଣ ପିଲାଙ୍କୁ ସହାୟତା ପ୍ରଦାନ କରାଯାଉଛି, ଯେଉଁଥିରେ ୧୬ ଜଣ ଝିଅ ରହିଛନ୍ତି ।**

**ଭୁବନେଶ୍ୱର, ଜାନୁୟାରୀ ୨୦୨୨ :** ଏସଓଏସ୍ ଚିଲ୍ଡ୍ରେନ୍ସ ଭିଲେଜ୍ ଅଫ୍ ଇଣ୍ଡିଆ ଭାରତର ସର୍ବବୃହତ୍ ଶିଶୁ ଯତ୍ନ ପ୍ରଦାନକାରୀ ଏନଜିଓ ଅଟେ । ଏହା ମାଧ୍ୟମରେ ୩୦୦ ପିଲାଙ୍କୁ ସାରା ଦେଶରେ ୧୦ ଟି ସ୍ଥାନରେ ସେବା ପ୍ରଦାନ କରାଯାଉଛି । ଏହି ପିଲାମାନଙ୍କ ମଧ୍ୟରେ ୧୫୦ ଜଣ ଝିଅ ମଧ୍ୟ ସାମିଲ୍ ରହିଛନ୍ତି ।

ସମ୍ପର୍କିୟଙ୍କ ଦ୍ୱାରା ଶିଶୁ ଯତ୍ନ କାର୍ଯ୍ୟକ୍ରମକୁ ୨୦୧୭ ମସିହାରେ ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପିତାମାତା ନଥିବା ଶିଶୁମାନଙ୍କୁ ଶିକ୍ଷା ସୁବିଧା ସହିତ ସାମାଜିକ ସୁରକ୍ଷା ମଧ୍ୟ ପ୍ରଦାନ କରାଯାଉଛି । ଏହି ପଦକ୍ଷେପ ମାଧ୍ୟମରେ, ଯେଉଁ ଶିଶୁମାନେ ସେମାନଙ୍କର ପିତାମାତାଙ୍କୁ ହରାଇଛନ୍ତି ସେମାନଙ୍କୁ ତାଙ୍କର ନିକଟ ସମ୍ପର୍କିୟଙ୍କ ମାଧ୍ୟମରେ ଯତ୍ନ ପ୍ରଦାନ କରାଯାଉଛି । ଏହି ପଦକ୍ଷେପ ଅନ୍ତର୍ଗତ ସମସ୍ତ ପିତାମାତା ନଥିବା ଶିଶୁମାନଙ୍କୁ ଏକ ପରିବାର ମଧ୍ୟରେ ରଖାଯାଉଛି ଓ ନିକଟ ସମ୍ପର୍କିୟଙ୍କ ଆୟ ବୃଦ୍ଧି ପାଇଁ ପଦକ୍ଷେପ ମାନ ଗ୍ରହଣ କରାଯାଉଛି ଯଦ୍ୱାରା ପିଲା ବଡ଼ ହେବା ପର୍ଯ୍ୟନ୍ତ ସେମାନଙ୍କୁ ଉପଯୁକ୍ତ ଯତ୍ନ ଓ ଶିକ୍ଷା ମିଳିପାରିବ ।

ଏସଓଏସ୍ ଚିଲ୍ଡ୍ରେନ୍ସ ଭିଲେଜ୍ ଅଫ୍ ଇଣ୍ଡିଆ ଦ୍ୱାରା ଭୁବନେଶ୍ୱରରେ ସମ୍ପର୍କିୟଙ୍କ ଦ୍ୱାରା ଶିଶୁ ଯତ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ୩୪ ଜଣ ପିଲା ଉପକୃତ ହୋଇପାରିଛନ୍ତି ଯେଉଁଥିରେ ୧୨ ବର୍ଷରୁ କମ୍ ୧୬ ଜଣ ଝିଅ ରହିଛନ୍ତି ।

ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରି, **ଶ୍ରୀଯୁକ୍ତ ସୁମନ୍ତ କର, ସେକ୍ରେଟାରୀ ଜେନେରାଲ୍, ଏସଓଏସ୍ ଚିଲ୍ଡ୍ରେନ୍ସ ଭିଲେଜ୍ ଅଫ୍ ଇଣ୍ଡିଆ** କହିଛନ୍ତି ଯେ, "ଆମେ ବିଶ୍ୱାସ କରୁ ଯେ ସମସ୍ତ ଶିଶୁମାନଙ୍କର ଏକ ଉପଯୁକ୍ତ ପରିବାରରେ ବଢ଼ିବାର, ଶିକ୍ଷା ଗ୍ରହଣ କରିବାର ଅଧିକାର ରହିଛି । ଏହା ସହିତ ସେମାନଙ୍କର ସାମାଜିକ ସ୍ଥିତି ଯେପରି ପ୍ରଭାବିତ ନହେବ ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯିବା ଆବଶ୍ୟକ । ସମ୍ପର୍କିୟଙ୍କ ଦ୍ୱାରା ଶିଶୁ ଯତ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପିଲା ନିଜର ନିକଟ ସମ୍ପର୍କିୟଙ୍କ ପରିବାରରେ ସମସ୍ତ ମୌଳିକ ସୁବିଧା ଲାଭ କରିପାରିବ । ଏହି କାର୍ଯ୍ୟକ୍ରମଟି ଆମର ଅନେକ ଗୁଡ଼ିଏ ଯତ୍ନ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ ।"

ସମ୍ପର୍କିୟଙ୍କ ଦ୍ୱାରା ଶିଶୁ ଯତ୍ନ କାର୍ଯ୍ୟକ୍ରମ ଅନ୍ତର୍ଗତ ସଂପୃକ୍ତ ଯତ୍ନ ପ୍ରଦାନକାରୀଙ୍କୁ ତାଲିମ୍ ଓ ଅଭିଭାବକତ୍ୱ ଦକ୍ଷତା ପ୍ରଦାନ କରାଯାଉଛି ଯଦ୍ୱାରା ଶିଶୁର ସୁରକ୍ଷା, ସ୍ୱାସ୍ଥ୍ୟ ଓ ପୋଷକକୁ ସୁନିଶ୍ଚିତ କରାଯାଇପାରିବ । ଏହା ସହିତ ଶିଶୁର ନିୟମିତ ସ୍ୱାସ୍ଥ୍ୟ ଯତ୍ନର ସୁବିଧା ମଧ୍ୟ ରହଛି ବିଶେଷ କରି ବିଏମଆଇ (ବଡି ମାସ୍ ଇଣ୍ଡେକ୍ସ) ଓ ହିମୋଗ୍ଲୋବିନ୍ ସ୍ତର ପ୍ରତି ଧ୍ୟାନ ପ୍ରଦାନ କରାଯାଉଛି । ଶିଶୁ ଯତ୍ନ କାର୍ଯ୍ୟକ୍ରମ ଅନ୍ତର୍ଗତ ମଧ୍ୟ ସନ୍ତୁଳିତ ଭୋଜନ ଉପରେ ପରାମର୍ଶ ପ୍ରଦାନ କରାଯାଉଛି । ଏହା ସହିତ ପରିବାରରେ ଥିବା ଅନ୍ୟ ସମସ୍ତ ପିଲାମାନଙ୍କ ପାଇଁ ମଧ୍ୟ ପୋଷକ ସମ୍ପର୍କିତ ପରାମର୍ଶ ଦିଆଯାଉଛି । ଶିଶୁର ଶିକ୍ଷା, ସ୍ୱାସ୍ଥ୍ୟ/ ପୋଷକ ଓ ପୋଷାକ ସମ୍ପର୍କିତ ମୌଳିକ ଆବଶ୍ୟକତା ପ୍ରତି ମଧ୍ୟ ଧ୍ୟାନ ପ୍ରଦାନ କରାଯାଉଛି । ଏହା ବ୍ୟତୀତ ପିଲାମାନଙ୍କୁ ଅଚାର ବ୍ୟବହାର, ସହିତ କମ୍ପ୍ୟୁଟର ଓ ଭାଷା ଦକ୍ଷତାର ଶିକ୍ଷା ମଧ୍ୟ ପ୍ରଦାନ କରାଯାଉଛି ।

ସୁରଭି* ଜଣେ ଦଶମ ଶ୍ରେଣୀର ଛାତ୍ରୀ ଓ ଶିଶୁ ଯତ୍ନ କାର୍ଯ୍ୟକ୍ରମ ଅନ୍ତର୍ଗତ ଜଣେ ହିତାଧିକାରୀ ତାଙ୍କର ଅନୁଭତି ପ୍ରଦାନ କରୁଛନ୍ତି : "ଯେତେବେଳେ ମୋର ପିତାମାତା ୩ ବର୍ଷ ପୂର୍ବେ ମୃତ୍ୟୁବରଣ କଲେ, ମୋର ଦୁଇଜଣ ମାଉସୀ ମୋର ଯତ୍ନ ନେଲେ ଓ ସେମାନେ ଯାହା

କିଛି ଆୟ କରୁଥିଲେ ସେଥିରେ ହିଁ ଘର ଚଳୁଥିଲା । ମହାମାରୀ ଏହି ପରିସ୍ଥିତିକୁ ଆହୁରି ଜଟିଳ କରିଦେଲା । ଆମକୁ ଆମର ଦୈନନ୍ଦିନ ଭୋଜନ ପାଇଁ ମଧ୍ୟ ସଂଘର୍ଷ କରିବାକୁ ହେଉଥିଲା । ମୁଁ ଅବସାଦଗ୍ରସ୍ତ ହୋଇ ଯାଇଥିଲି । ସେହି ସମୟରେ ମୋର ପାଠ ପଢ଼ା ଜାରି ରଖିବା ମଧ୍ୟ ବହୁତ କଷ୍ଟକର ଥିଲା । ଯେତେବେଳେ ଆମ ଘରେ ଖାଇବାକୁ ଟଙ୍କା ନଥିଲା ଏପରି ପରିସ୍ଥିତିରେ ପାଠ ପଢ଼ା କିପରି ଜାରି ରଖାଯାଇ ପାରିବ ? ଏସଓଏସ୍ ଚିଲ୍ଡ୍ରେନ୍ସ ଭିଲେଜ୍ ଅଫ୍ ଇଣ୍ଡିଆ ଏହି ଶିଶୁ ଯତ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମୁଁ ମୋର ପାଠ ପଢ଼ା ସମାପ୍ତ କରିପାରିବି ନିଜର ମନ ମୁତାବକ କ୍ୟାରିୟର ବାଛି ପାରିବି ବୋଲି ମୋର ଆଶା ରହିଛି । ଏହା କେବଳ ମୋ ବିଷୟରେ ନୁହେଁ, ଏହିପରି ଅନେକ ପିଲା ରହିଛନ୍ତି ଯେଉଁମାନେ ପାଠ ପଢ଼ିବା ପାଇଁ ଇଚ୍ଛା ଓ ଆଗ୍ରହ ରହିଛି କିନ୍ତୁ ଆର୍ଥିକ ସମ୍ବଳର ଅଭାବ ରହିଛି ।" ସୁରଭି ଏବେ ଦଶମ ବୋର୍ଡ଼ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି ଓ ୯୦% ମାର୍କ ରଖିବାର ଲକ୍ଷ୍ୟ ରଖିଛନ୍ତି ଯଦ୍ୱାରା ସେ ତାର ପରିବାର ଓ ସମାଜକୁ ଗୌରବାନ୍ୱିତ କରିପାରିବ । ସେ ରେଲୱେରେ ଲୋକୋ ପାଇଲଟ ହେବାର ସ୍ୱପ୍ନ ରଖିଛନ୍ତି । ସେ ମଧ୍ୟ ନିଜର ଆୟରେ ଏହିପରି ଅନ୍ୟ ଗରିବ ପିଲାମାନଙ୍କୁ ସଶକ୍ତ କରିବାକୁ ଚାହୁଁଛନ୍ତି ।

ଏସଓଏସ୍ ଚିଲ୍ଡ୍ରେନ୍ସ ଭିଲେଜ୍ ଅଫ୍ ଇଣ୍ଡିଆ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ପିଲାମାନଙ୍କ ସହିତ ନିୟମିତ ଆଲୋଚନା ମାଧ୍ୟମରେ ତାଙ୍କର ପ୍ରଗତିର ଅନୁଧ୍ୟାନ କରିଥାଏ ଓ ଆବଶ୍ୟକୀୟ ଯତ୍ନ (ପରିବାର ଯତ୍ନ) ପ୍ରଦାନ କରାଯାଇଥାଏ । ଏହା ମଧ୍ୟ ସଂପୃକ୍ତ ପିଲାଙ୍କ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ସମ୍ପର୍କରେ ରହିଥାନ୍ତି । ଏହି ଶିଶୁ ଯତ୍ନ କାର୍ଯ୍ୟକ୍ରମ ଅନ୍ତର୍ଗତ ଅନୁଧ୍ୟାନ କମିଟିରେ ମଧ୍ୟ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଶିଶୁ ମଙ୍ଗଳ କମିଟି ରହିଛନ୍ତି ।

କୋଭିଡ୍ ୧୯ ର ତୃତୀୟ ଲହରୀକୁ ଧ୍ୟାନରେ ରଖି ଏହାକୁ ନୂତନ ସ୍ଥାନରେ ସଂପ୍ରସାରିତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ପିଲାଙ୍କର ଭବିଷ୍ୟତକୁ ସୁରକ୍ଷିତ କରିବା ସହିତ ଶିକ୍ଷା, ନିଯୁକ୍ତି ଦକ୍ଷତା, ଯୋଗାଯୋଗ ଓ ବ୍ୟବହାର ଦକ୍ଷତା, କାର୍ଯ୍ୟ ଦକ୍ଷତା ମଧ୍ୟ ପ୍ରଦାନ କରାଯାଉଛି ।

**About SOS Children's Villages of India**

Established in 1964, SOS Children's Villages of India provides children without parental care or at the risk of losing it, a value chain of quality care services that goes beyond childcare alone, ensuring comprehensive child development. Our customized care interventions such as: Family Like Care, Family Strengthening, Kinship Care, Short Stay Homes, Foster Care, Youth Skilling, Emergency Childcare and Special Needs Childcare are aimed at transforming lives and developing children under our care into self-reliant and contributing members of society. We empower vulnerable families in communities to become financially independent, thereby enabling them to create safe and nurturing spaces for children under their care. As India's largest self-implementing childcare NGO, SOS Children's Villages directly touches the lives of around 28,500 children every year.

For more information, please visit https://www.soschildrensvillages.in